ଭାରତୀୟ ଜନତା ପାର୍ଟି, ଓଡିଶା

ରାଜ୍ୟସରକାର ବିଭିନ୍ନ ଆଳ ଦେଖାଇ ଧାନମଣ୍ଡି ଖୋଲିବାରେ ବିଳମ୍ବ ହେବା ପ୍ରସଙ୍ଗରେ

# ମଣ୍ଡି ଆଗରେ ବିକ୍ଷୋଭ ପ୍ରଦର୍ଶନ କଲା କୃଷକ ମୋର୍ଚ୍ଚା

- **ଗଂଜାମ ଜିଲ୍ଲା ପୁରୁଷୋତମପୁର ବ୍ଲକର ଚାଷୀ ସନ୍ନାସୀ ସ୍ୱାଇଁ ଆତ୍ମହତ୍ୟା କରିବା ରାଜ୍ୟସରକାରଙ୍କ ଚାଷୀ ମାରଣ ନୀତିର ଜ୍ୱଳନ୍ତ ଉଦାହରଣ**
- **ବର୍ତମାନ ସୁଦ୍ଧା ରାଜ୍ୟରେ ୮୦ ଭାଗ ଧାନମଣ୍ଡି ଖୋଲାଯାଇନାହିଁ**
- **ରାଜ୍ୟସରକାର ଓ ମିଲର ମାନଙ୍କ ମଧୁଚନ୍ଦ୍ରିକା କାରଣରୁ ଚାଷୀ ତାର ପ୍ରାପ୍ୟ ପାଇବାରୁ ବଂଚିତ ହେଉଛି**
- **ରାଜ୍ୟସରକାର ବିଭିନ୍ନ ଆଳ ଦେଖାଇ ଧାନମଣ୍ଡି ଖୋଲିବାରେ ବିଳମ୍ବ କରିଚାଲିଛନ୍ତି**

**ଭୁବନେଶ୍ୱର, ତା୨୧/୧୨ :** ବର୍ତମାନ ସୁଦ୍ଧା ରାଜ୍ୟରେ ୮୦ ଭାଗ ଧାନମଣ୍ଡି ଖୋଲାଯାଇନାହିଁ । ଯେଉଁଥିପାଇଁ ଚାଷୀ ବାଧ୍ୟ ହୋଇ ଦଲାଲଙ୍କୁ ଧାନ କୁଇଟାଂଲ ପିଛା ୧୨ ଶହରୁ ୧୩ଶହ ଟଙ୍କା ମଧ୍ୟରେ ବିକ୍ରି କରୁଛି । କେନ୍ଦ୍ର ସରକାର ଧାନର ଉତ୍ପାଦନ ମୂଲ୍ୟରୁ ଦେଢଗୁଣ ମୂଲ୍ୟ ବୃଦ୍ଧି କରି ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା କରିଥିବା ସମୟରେ ରାଜ୍ୟସରକାର ଓ ମିଲର ମାନଙ୍କ ମଧୁଚନ୍ଦ୍ରିକା କାରଣରୁ ଚାଷୀ ତାର ପ୍ରାପ୍ୟ ପାଇବାରୁ ବଂଚିତ ହେଉଛି । ଏହାର ପ୍ରତିବାଦରେ ଆଜି ବିଜେପି କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବାଲେଶ୍ୱର ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଛନ୍ତି ।

ରାଜ୍ୟସରକାରଙ୍କ ଚାଷୀ ବିରୋଧୀ ମନୋଭାବ ଏବଂ ଚାଷୀ ଶୋଷଣ ନୀତି ଯୋଗୁଁ ରାଜ୍ୟର ଧାନଚାଷୀମାନେ ଆଜି ସର୍ବସ୍ୱାନ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି । ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଗଂଜାମ ଜିଲ୍ଲା ପୁରୁଷୋତମପୁର ବ୍ଲକର ଚାଷୀ ସନ୍ନାସୀ ସ୍ୱାଇଁ ଆତ୍ମହତ୍ୟା କରିବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀ ସାହୁ କହିଛନ୍ତି ।

ରାଜ୍ୟସରକାର ବିଭିନ୍ନ ଆଳ ଦେଖାଇ ଧାନମଣ୍ଡି ଖୋଲିବାରେ ବିଳମ୍ବ କରିଚାଲିଛନ୍ତି । ଅନ୍ୟପଟେ ଚାଷୀ ପରିବାର ହତାଶ ହୋଇ ନିଜ ଧାନକୁ ଶାଗ ମାଛ ଦରରେ ଦଲାଲଙ୍କୁ ବିକିବାକୁ ବାଧ ହୋଇଛି । ସାରା ରାଜ୍ୟରେ କୃଷକମାନଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେଉଥିବାବେଳେ ରାଜ୍ୟସରକାର ଚାଷୀ ପ୍ରସଙ୍ଗକୁ ଗୁରୁତ୍ୱ ନଦେଇ ଭୋଟବ୍ୟାଙ୍କ ରାଜନୀତି କରୁଛନ୍ତି । ଦୀର୍ଘ ୧୯ ବର୍ଷ ପରେ ବି ଘୋଷଣା ସର୍ବସ୍ୱ ବିଜେଡି ସରକାର ଚାଷୀଙ୍କ ପାଇଁ ଗୋଟିଏ ଯୋଜନା ଲାଗୁ ନକରି ମିଥ୍ୟା ପ୍ରତିଶୃତି ଦେଇଚାଲିଛି ବୋଲି ଶ୍ରୀ ସାହୁ କହିଛନ୍ତି ।

ଏହି ଘେରାଉ କାର୍ଯ୍ୟକ୍ରମରେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ଉପସଭାପତି ଶ୍ରୀ ଶଙ୍କର୍ଷଣ ଜେନା, ରାଜ୍ୟ ସଂପାଦିକା ଶୋଭନା ମହାନ୍ତି , ଜିଲ୍ଲା ସଭାପତି ମଦନ ମୋହନ ଦର୍ତ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ମହେନ୍ଦ୍ର ଦାସ, ଯୁବ ମୋର୍ଚ୍ଚା ରାଜ୍ୟ ଉପସଭାପତି ସିକନ୍ଦର ଅଲ୍ଲୀ, ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ସୁଶ୍ରୀ ମନିଷା ପ୍ରିୟଦର୍ଶିନୀ ବେହେରାଙ୍କ ସମେତ ଶହଶହ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ । ଏହା ବ୍ୟତୀତ ଆଜି ଗଜପତି, କଳାହାଣ୍ଡି, ଢେଙ୍କାନାଳ ଜିଲ୍ଲା ଭୁବନ ଏନଏସି ଓ ମଣ୍ଡି ଆଗରେ ଲୋକସଭା ପ୍ରଭାରୀ ଇଂ. ଦେବାଶିଷ ଏବଂ ଗଂଜାମ ଜିଲ୍ଲା ଦିଗ ପହଣ୍ଡି ବ୍ଲକରେ କୃଷକ ମୋର୍ଚ୍ଚା ରାଜ୍ୟ ସଂପାଦକ ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଏକାଠି ହୋଇ ମଣ୍ଡି ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଥିଲେ । ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ ଧାନମଣ୍ଡିରେ କୃଷକମୋର୍ଚ୍ଚା ପକ୍ଷରୁ ଧାନମଣ୍ଡି ଜଗିବା ସହ ରାଜ୍ୟସରକାରଙ୍କ ଚାଷୀମାରଣ ନୀତି ବିରୁଧରେ ବିକ୍ଷୋଭ କରାଯାଇଛି ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**